**Government of Orissa**
**Information & Public Relation Department**
**<u>NOTIFICATION</u>**

# ଓଡିଶା ସରକାର: ସୂଚନା ଓ ଲୋକସଂପର୍କ ବିଭାଗ

# ବିଜ୍ଞପ୍ତି

**No.7307/I & PR, ଭୁବନେଶ୍ୱର, ଦିନାଙ୍କ ୬ ମାର୍ଚ୍ଚ, ୨୦୦୬**

ସୂଚନା ଅଧିକାର ଆଇନ୍, ୨୦୦୫ (୨୦୦୫ର ଦ୍ୱାବିଂଶ)ର ଧାରା ୨୭ ଅନ୍ତର୍ଗତ ଉପଧାରା ୨ର ଅଣଉପଧାରା (ଇ) ଦ୍ୱାରା ନ୍ୟସ୍ତ କ୍ଷମତାର ପ୍ରୟୋଗାର୍ଥେ ରାଜ୍ୟ ସରକାର ନିମ୍ନୋକ୍ତ ନିୟମାବଳୀ ପ୍ରଣୟନ କରିଛନ୍ତି, ଯଥା -

**୧. ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ-** (୧) ଏହି ନିୟମାବଳୀକୁ ଓଡିଶା ସୂଚନା କମିଶନ୍ ଅପିଲ୍ ପଦ୍ଧତି) ନିୟମାବଳୀ, ୨୦୦୬ ବୋଲି କୁହାଯାଇପାରେ ।

(୨) ଏହି ନିୟମାବଳୀ ଯେଉଁ ତାରିଖରେ ଓଡିଶା ଗେଜେଟ୍‌ରେ ପ୍ରକାଶ ପାଇବ, ସେହି ଦିନଠାରୁ ବଳବତ୍ତର ହେବ ।

**୨. ସଂଜ୍ଞାମାନ -** (୧) ପରିପ୍ରେକ୍ଷି ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ନିୟମାବଳୀରେ,

(କ) 'ଆଇନ୍' ବୋଇଲେ ସୂଚନାର ଅଧିକାର ଆଇନ୍ ୨୦୦୫ (୨୦୦୫ର ଦ୍ୱାବିଂଶ);

(ଖ) 'କାଲେଣ୍ଡର ବର୍ଷ ' ବୋଇଲେ ପହିଲା ଜାନୁଆରୀରେ ଆରମ୍ଭ ହେଉଥିବା ବର୍ଷ;

(ଗ) 'କମିଶନ୍' ବୋଇଲେ ଓଡିଶା ସୂଚନା କମିଶନ୍, ଓଡିଶା;

(ଘ) 'ଫର୍ମ' ବୋଇଲେ ଏହି ନିୟମାବଳୀ ସହ ସଂଯୁକ୍ତ ହୋଇଥିବା ଫର୍ମ;

(ଙ) 'ରେଜିଷ୍ଟ୍ରାର' ବୋଇଲେ କମିଶନ୍‌ଙ୍କ ରେଜିଷ୍ଟ୍ରାର ଏବଂ ରାଜ୍ୟ ମୁଖ୍ୟ ସୂଚନା କମିଶନର୍‌ଙ୍କ ଦ୍ୱାରା ଯଥାବିଧି କ୍ଷମତାପ୍ରାପ୍ତ ହୋଇଥିବା ଅନ୍ୟ କୌଣସି ଅଫିସର୍; ଏବଂ

(ଚ) 'ଧାରା' ବୋଇଲେ ଆଇନ୍‌ର ଧାରା ।

(୨) ଯେଉଁ ସବୁ ଶବ୍ଦାବଳୀ ଏବଂ କଥନମାନ ଏଥିରେ ବ୍ୟବହୃତ ହୋଇଛି, ଅଥଚ ଏଥିରେ ସଂଜ୍ଞାୟିତ ନହୋଇ ଆଇନ୍‌ରେ ସଂଜ୍ଞାୟିତ ହୋଇଛି, ସେଗୁଡିକ ଯଥାକ୍ରମେ ସେହି ଅର୍ଥ ବହନ କରିବ, ଯାହାକି ଆଇନ୍ ଦ୍ୱାରା ନ୍ୟସ୍ତ କରାଯାଇଛି ।

**୩. ଅପିଲ୍ ଦାଖଲ ଓ ଯାଞ୍ଚ ପଦ୍ଧତି** – (୧) ଗୋଟିଏ ଅପିଲ୍ ଓଡିଶା ସୂଚନା ଅଧିକାର ନିୟମାବଳୀ, ୨୦୦୫ର ଫର୍ମ 'ଇ'ରେ ଅପିଲ୍‌କର୍ତ୍ତାଙ୍କ ଦ୍ୱାରା ବ୍ୟକ୍ତିଗତ ଭାବେ ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଏହାକୁ ଗ୍ରହଣ କରିବାକୁ ଉଦ୍ଦିଷ୍ଟ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରାଯିବ, ଅଥବା ରେଜିଷ୍ଟର୍ଡ ଡାକ ମାଧ୍ୟମରେ ପ୍ରାପ୍ତି ସ୍ୱୀକାରର ବ୍ୟବସ୍ଥା ସହିତ ରେଜଷ୍ଟ୍ରାରଙ୍କୁ ସମ୍ବୋଧନ କରି ପଠାଯାଇ ପାରିବ ।

(୨) ପ୍ରତି ଅପିଲ୍ ଦାଖଲ ହେବା ପରେ ଉଦ୍ଦିଷ୍ଟ ରେଜିଷ୍ଟରରେ ପଞ୍ଜୀକୃତ ହେବ, ଏବଂ ଏକ କାଲେଣ୍ଡର ବର୍ଷପାଇଁ ଥିବା ରେଜିଷ୍ଟରରେ ଏକ କ୍ରମାନ୍ୱୟିକ ସଂଖ୍ୟାରେ ନାମାଙ୍କିତ ହେବ ।

(୩) ଯାଞ୍ଚ ବେଳେ ଯଦି ଅପିଲ୍ ତୃଟିଯୁକ୍ତ ବୋଲି ମନେହୁଏ, ଏବଂ ଯଦି ଏହି ତୃଟି ଔପଚାରିକ ଧରଣର ହୋଇଥାଏ, ତେବେ ରେଜିଷ୍ଟ୍ରାର ନିଜ ଉପସ୍ଥିତିରେ ସଂପୃକ୍ତ ପକ୍ଷଙ୍କୁ ଏହି ତୃଟିର ସଂଶୋଧନ କରି ଦେବା ପାଇଁ ଅନୁମତି ଦେଇପାରନ୍ତି, ଏବଂ ଯଦି କଥିତ ତୃଟିଟି ଔପଚାରିକ ଧରଣର ହୋଇନଥାଏ, ତେବେ ରେଜଷ୍ଟ୍ରାର ତୃଟି ସଂଶୋଧନ କରିବା ପାଇଁ ଆବେଦକଙ୍କୁ ସେତିକି ସମୟ ମଞ୍ଜୁର କରିପାରନ୍ତି, ଯାହାକି ତାଙ୍କ ମତରେ ଯଥାର୍ଥ ।

(୪) ଯଦି ଅପିଲ୍-କର୍ତ୍ତା ଉପନିୟମ(୩)ରେ ମଞ୍ଜୁର ହୋଇଥିବା ସମୟ-ସୀମା ମଧ୍ୟରେ ତୃଟିକୁ ସଂଶୋଧନ କରି ନପାରନ୍ତି, ତେବେ ରେଜିଷ୍ଟ୍ରାର ତୁରନ୍ତ ଏହି ବିଷୟଟିକୁ କମିଶନ୍‌ଙ୍କ ନିକଟରେ ଆଦେଶ ପାଇଁ ଉପସ୍ଥାପନ କରିବେ

**୪. ଅପିଲ୍‌ର ବିଷୟବସ୍ତୁ-** କମିଶନ୍‌ଙ୍କ ନିକଟକୁ ଅପିଲ୍‌ରେ ନିମ୍ନୋକ୍ତ ସୂଚନାମାନ ରହିଥିବ, ଯଥା-

(୧) ଅପିଲ୍‌କର୍ତ୍ତାଙ୍କ ନାମ ଓ ଠିକଣା;

(୨) ଜନ ସୂଚନା ଅଧିକାରୀଙ୍କ ବିଷୟରେ ସବିଶେଷ ତଥ୍ୟ;

(୩) ଯେଉଁ ଆଦେଶ ବିରୁଦ୍ଧରେ ଅପିଲ୍ କରାଯାଉଛି, ସେହି ଆଦେଶ ଯେଉଁ ତାରିଖରେ ତାଙ୍କୁ ପ୍ରାପ୍ତ ହୋଇଛି;

(୪) ଅପିଲ୍ ଦାଖଲ କରିବାର ଶେଷ ତାରିଖ;

(୫) ସୂଚନା ସମ୍ବନ୍ଧରେ ସବିଶେଷ ବିବରଣୀ-

(କ) ଚାହିଁଥିବା ସୂଚନାର ପ୍ରକୃତି ଓ ବିଷୟବସ୍ତୁ;

(ଖ) ସୂଚନା ସହ ସଂପୃକ୍ତ ଅଫିସର୍ ବା ବିଭାଗର ନାମ ।

(୬) ଅପିଲ୍ କରିବା ପଛରେ ଥିବା କାରଣମାନ (ଯଦି ବିଶଦ୍ ତଥ୍ୟ ଦେବାକୁ ଥାଏ, ତେବେ ଅଲଗା ପୃଷ୍ଠା ଯୋଡିପାରନ୍ତି; ଏବଂ

(୭) ଅପିଲ୍‌କର୍ତ୍ତାଙ୍କ ଦ୍ୱାରା ଅନୁପ୍ରମାଣ ।

**୫. ଅପିଲ୍ ସହ ସଂଲଗ୍ନ ହେବାକୁ  ଥିବା  ନଥିମାନ -** କମିଶନ୍‌ଙ୍କ ନିକଟକୁ ପ୍ରେରିତ ହେଉଥିବା ପ୍ରତି ଅପିଲ୍‌ରେ ନିମ୍ନୋକ୍ତ ନଥିମାନ ସଂଲଗ୍ନ ରହିବ, ଯଥା -

(କ) ଯେଉଁ ଆଦେଶ ବା ଦଲିଲ୍ ବିରୁଦ୍ଧରେ ଅପିଲ୍ କରାଯାଉଛି, ସେଗୁଡିକର ସ୍ୱପ୍ରମାଣୀକୃତ ନକଲ;

(ଖ) ଯେଉଁ ଦଲିଲ୍‌ଗୁଡିକ ଉପରେ ଅପିଲ୍‌କର୍ତ୍ତା ନିର୍ଭର କରିଛନ୍ତି ଏବଂ ଯେଉଁଗୁଡିକ ବିଷୟରେ ଅପିଲ୍‌ରେ ସୂଚିତ ହୋଇଛି;

(ଗ) ଅପିଲ୍‌ରେ ସୂଚୀତ ହୋଇଥିବା ଦଲିଲ୍‌ଗୁଡିକର ଏକ ସୂଚୀପତ୍ର;

(ଘ) ଯେଉଁ ସ୍ଥଳେ ଅପିଲ୍-ପତ୍ର  ରେଜିଷ୍ଟର୍ଡ  ଡାକ ଦ୍ୱାରା ପଠାଯାଉଛି, ସେପରି ସ୍ଥଳେ ଆତ୍ମ-ସମ୍ବୋଧିତ ଏବଂ ଯଥାମୂଲ୍ୟର ଷ୍ଟାମ୍ପ ବହନ କରୁଥିବା ଲଫାପା ।

**୬. ଅଭିଯୋଗର ଦାଖଲ ଓ ତାହା ସଂକ୍ରାନ୍ତୀୟ ଅନ୍ୟାନ୍ୟ ବ୍ୟାପାର –** (୧) ଧାରା ୧୮ ଅଧୀନସ୍ଥ ଉପଧାରା (୧) ଅନୁଯାୟୀ ହେବାକୁ ଥିବା ପ୍ରତି ଅଭିଯୋଗକୁ ଅଭିଯୋକ୍ତା ନିଜେ ବ୍ୟକ୍ତିଗତ ଭାବେ ବା ତାଙ୍କଦ୍ୱାରା ପ୍ରାଧିକୃତ ପ୍ରତିନିଧିଙ୍କ ଦ୍ୱାରା ଏତାଦୃଶ ଅଭିଯୋଗକୁ ଗ୍ରହଣ କରିବାପାଇଁ ଉଦ୍ଦିଷ୍ଟ ରେଜିଷ୍ଟ୍ରାରଙ୍କ ପାଖରେ ଦାଖଲ କରିବେ, ନଚେତ୍ ରେଜିଷ୍ଟ୍ରାରଙ୍କୁ ସମ୍ବୋଧନ କରି ପ୍ରାପ୍ୟ ପ୍ରାପ୍ତିସ୍ୱୀକୃତିର ବ୍ୟବସ୍ଥା ସମ୍ବଳିତ ରେଜିଷ୍ଟର୍ଡ ଡାକଦ୍ୱାରା ଏହି ଅଭିଯୋଗପତ୍ରକୁ ପ୍ରେରଣ କରିବେ, ଏବଂ ଏହି ଅଭିଯୋଗ ପତ୍ରରେ ନିମ୍ନୋକ୍ତ ତଥ୍ୟମାନ ସ୍ଥାନିତ ହୋଇଥିବ –

(କ) ଅଭିଯୋକ୍ତାଙ୍କ ନାମ ଓ ଠିକଣା;

(ଖ) ଯେଉଁ ଅଧିକାରୀ ବା ଅଧିକାରୀମାନଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଉଛି, ସେମାନଙ୍କ ନାମ ଓ ଠିକଣା;

(ଗ) ଅଭିଯୋଗ ସମ୍ବନ୍ଧୀୟ ତଥ୍ୟାବଳୀ, ଏବଂ କେବେ ଓ କେଉଁଠି ଏହା ଘଟିଛି;

(ଘ) ଅଭିଯୋଗପତ୍ରରେ ଦର୍ଶାଯାଇଥିବା ଆପତ୍ତିଗୁଡ଼ିକର ପ୍ରମାଣ ସପକ୍ଷରେ ଯଦି କିଛି କାଗଜପତ୍ର ଥାଏ; ଏବଂ

(ଙ) କି ପ୍ରକାର ପ୍ରତିକାର ଚାହାନ୍ତି  ?

(୨) ପ୍ରତି ଅଭିଯୋଗ ଦାଖଲ ହେବା ପରେ ଏହାକୁ ଅଭିଯୋଗ-ପଞ୍ଜିକରଣ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ରେଜିଷ୍ଟରରେ ପଂଞ୍ଜିକୃତ କରାଯିବ, ଏବଂ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏହି ଅଭିଯୋଗକୁ ଏକ ସୁନିର୍ଦ୍ଦିଷ୍ଟ କ୍ରମିକ ସଂଖ୍ୟାରେ ନାମିତ କରାଯିବ ।

(୩) ଅଭିଯୋଗଟି ବିଧିବଦ୍ଧଭାବେ ପଞ୍ଜିକୃତ ହେଲାପରେ ରେଜିଷ୍ଟ୍ରାର ଏହାକୁ କମିଶନ୍‌ଙ୍କ ନିକଟରେ ଆବଶ୍ୟକୀୟ ଆଦେଶପାଇଁ ପେଶ୍ କରିବେ।

(୪) କମିଶନ୍ ଯଦି ଆପାତତଃ ହୃଦ୍‌ବୋଧ କରନ୍ତି ଯେ, ସମ୍ପୃକ୍ତ ବ୍ୟାପାରଟିକୁ ଅନୁସନ୍ଧାନ କରିବାର ଯଥାର୍ଥ କାରଣ ଅଛି, ତେବେ ସେ ଆଭିଯୋଗଟିକୁ ଗ୍ରହଣ କରିପାରନ୍ତି ଏବଂ ଏହା ସମ୍ବନ୍ଧରେ ଅନୁସନ୍ଧାନ ଆରମ୍ଭ କରିଦେବାପାଇଁ ନିର୍ଦ୍ଦେଶଦେଇ ପାରନ୍ତି:

ପରନ୍ତୁ, ଅଭିଯୋକ୍ତାଙ୍କୁ ନିଜର ବ୍ୟକ୍ତବ୍ୟ ପେଶ୍ କରିବାପାଇଁ ସୁଯୋଗ ନଦେଇ କମିଶନ୍, କୌଣସି ଅଭିଯୋଗକୁ ପ୍ରତ୍ୟାଖାନ କରିବେ ନାହିଁ ।

**୭. ଅପିଲ୍ ବା ଅଭିଯୋଗ ଫଇସଲା କରିବାପାଇଁ ଅନୁସୃତ ହେବାକୁ ଥିବା ପଦ୍ଧତି –**

(୧) ଗୋଟିଏ ଅପିଲ୍ ବା ଅଭିଯୋଗକୁ ଫଇସଲା କଲାବେଳେ କମିଶନ୍ –

(କ) ସମ୍ପୃକ୍ତ ବା ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ ଶପଥପାଠ ବା ଆଫିଡେଭିଟ୍ ଜରିଆରେ ମୌଖିକ ବା ଲିଖିତ ପ୍ରମାଣ ସଂଗ୍ରହ କରିପାରନ୍ତି;

(ଖ) ବିଭିନ୍ନ କାଗଜପତ୍ର ଏବଂ ସର୍ବସାଧାରଣ ଦଲିଲ୍ ଅଥବା ସେଗୁଡ଼ିକର ନକଲଗୁଡ଼ିକୁ ଅନୁଧ୍ୟାନ ବା ତନଖି କରିପାରନ୍ତି;

(ଗ) ସବିଶେଷ ତଥ୍ୟାବଳୀ ହାସଲପାଇଁ ପ୍ରାଧିକୃତ ଅଧିକାରୀଙ୍କ ମାଧ୍ୟମରେ ତଦନ୍ତ କରାଇପାରନ୍ତି;

(ଘ) ଯଥାସ୍ଥିତି ରାଜ୍ୟ ଜନସୂଚନା ଅଧିକାରୀ, ପ୍ରଥମ ଅପିଲ୍‌କୁ ଫଇସଲା କରିଥିବା ଅଧିକାରୀ ଅଥବା ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଇଛି, ସେମାନଙ୍କର ବକ୍ତବ୍ୟ ଶୁଣି ପାରନ୍ତି;

(ଙ) ତୃତୀୟ ପକ୍ଷକୁ ଶୁଣିପାରନ୍ତି; ଏବଂ

(ଚ) ରାଜ୍ୟ ଜନସୂଚନା ଅଧିକାରୀ, ରାଜ୍ୟ ସହକାରୀ ଜନସୂଚନା ଅଧିକାରୀ, ପ୍ରଥମ ଅପିଲ୍‌କୁ ଫିସଲା କରିଥିବା ବିରଷ୍ଠ ଅଧିକାରୀ ଅଥବା ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ଅଭିଯୋଗ ଦାଏର୍ ହୋଇଛି, ଅଥବା ତୃତୀୟ ପକ୍ଷଙ୍କଠାରୁ ଆଫିଡେଭିଟ୍ ଜରିଆରେ ପ୍ରମାଣ ସଂଗ୍ରହ କରିପାରନ୍ତି ।

(୨) ଉପନିୟମ (୧)ର ଅଣ-ଉପନିୟମ (ଗ) ଅଧୀନରେ ନିଯୁକ୍ତ ହୋଇଥିବା ଅଧିକାରୀ (ଏହାପରେ ସେ ପ୍ରାଧିକୃତ ଅଧିକାରୀ ବୋଲି ସୂଚିତ ହେବେ) ଦେଓ୍ୱାନି ପ୍ରକ୍ରିୟା କୋଡ୍ ୧୯୦୮ ଅନ୍ତର୍ଗତ ଆଦେଶ-୨୬ରେ ନ୍ୟସ୍ତ ହୋଇଥିବା ଅର୍ଥ ଅନୁଯାୟୀ ଗୋଟିଏ କମିଶନ୍ ବୋଲି ବିବେଚିତ

ହେବେ, ଏବଂ କମିଶନ୍‌ଙ୍କ ନିଯୁକ୍ତି-ଆଦେଶରେ ଆରୋପିତ ହୋଇଥିବା ନିର୍ଦ୍ଦେଶାବଳୀ ଓ ଅନୁଦେଶାବଳୀର ସାପେକ୍ଷତା ଅଧୀନରେ ଏହି ସମ୍ପୃକ୍ତ ଅଧିକାରୀ ସେହିସବୁ କ୍ଷମତା ପ୍ରୟୋଗ କରିପାରିବେ, ଯେଉଁଗୁଡ଼ିକ କି ଦେୱାନି ପ୍ରକ୍ରିୟା କୋଡ୍ ଅନୁଯାୟୀ ତଦନ୍ତ ଉଦ୍ଦେଶ୍ୟରେ ଗଠିତ ହେଉଥିବା ଗୋଟିଏ କମିଶନ୍‌ର ରହିବା କଥା।

(୩) ପ୍ରାଧିକୃତ ଅଧିକାରୀଙ୍କ ନିଯୁକ୍ତି ଆଦେଶ 'ଫର୍ମ-କ' ଅନୁସାରେ ଘୋଷିତ ହେବ, ଏବଂ ସେଥିରେ ତଦନ୍ତର ପ୍ରକାର ଓ ବିଷୟ ବିନିର୍ଦ୍ଦିଷ୍ଟ ହୋଇଥିବ।

(୪) ପ୍ରାଧିକୃତ ଅଧିକାରୀ ଯଥାସମ୍ଭବ ଖୁବ୍ ଶୀଘ୍ର ତଦନ୍ତ କାର୍ଯ୍ୟ ଶେଷ କରିବେ ଏବଂ ସେ କମିଶନ୍‌ଙ୍କ ଯେଉଁ ନିଯୁକ୍ତି ଆଦେଶ ବଳରେ ନିଯୁକ୍ତ ହୋଇଛନ୍ତି, ସେଥିରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ଭିତରେ ନିଜର ରିପୋର୍ଟ କମିଶନ୍‌ଙ୍କ ପାଖରେ ଦାଖଲ କରିବେ:

ପରନ୍ତୁ, ଆଇନ୍‌ର ଧାରା ୧୯ ଅନ୍ତର୍ଗତ ଉପଧାରା (୬)ରେ ସ୍ଥାନିତ ହୋଇଥିବା ବ୍ୟବସ୍ଥାକୁ ଆଖି ଆଗରେ ରଖି କମିଶନ୍ ପ୍ରାଧିକୃତ ଅଧିକାରୀଙ୍କୁ ଏତାଦୃଶ ରିପୋର୍ଟ ଦାଖଲ ପାଇଁ ସମୟସୀମା ବିନିର୍ଦ୍ଦିଷ୍ଟ କରିବେ।

୮. **କମିଶନ୍‌ଙ୍କ ଦ୍ୱାରା ନୋଟିସ୍ ପ୍ରେରଣ** – କମିଶନ୍‌ଙ୍କ ଦ୍ୱାରା ନିର୍ଗମନ ହେବାକୁ ଥିବା ନୋଟିସ୍ ଗୁଡ଼ିକ ନିମ୍ନୋକ୍ତ ମାଧ୍ୟମରେ ପ୍ରେରଣ କରାଯାଇପାରେ, ଯଥା :

(କ) ସମ୍ପୃକ୍ତ ପକ୍ଷଙ୍କ ଦ୍ୱାରା;

(ଖ) ପ୍ରସେସ୍ ସର୍ଭରଙ୍କ ଦ୍ୱାରା ହସ୍ତାନ୍ତର (ଦସ୍ତି); ଅଥବା କୌଣସି ବ୍ୟକ୍ତି ବା ସମ୍ପୃକ୍ତ ତହସିଲ୍‌ଦାରଙ୍କ ମାଧ୍ୟମରେ ହସ୍ତାନ୍ତର;

(ଗ) ପ୍ରାପ୍ୟ ପ୍ରାପ୍ତିସ୍ୱୀକାର ବ୍ୟବସ୍ଥା ସମ୍ବଳିତ ରେଜିଷ୍ଟାର୍ଡ ଡାକ;

(ଘ) ସ୍ପିଡ୍ ପୋଷ୍ଟ;

(ଙ) କମିଶନ୍‌ଙ୍କ ଦ୍ୱାରା ଅନୁମୋଦିତ ଘରୋଇ ଡାକ-ସଂସ୍ଥା (କୁରିଅର୍) ମାନଙ୍କ ଜରିଆରେ; ବା

(ଚ) ଏକ କାର୍ଯ୍ୟାଳୟ ବା ବିଭାଗର ମୁଖ୍ୟଙ୍କ ଜରିଆରେ।

୯. **ଅପିଲ୍ କର୍ତ୍ତା ବା ଅଭିଯୋକ୍ତାଙ୍କ ବ୍ୟକ୍ତିଗତ ଉପସ୍ଥିତି** – (୧) ପ୍ରତି କେଶ୍‌ର ଶୁଣାଣି ତାରିଖର ଅନ୍ତତଃ ସୁସ୍ପଷ୍ଟ ୭ ଦିନ ପୂର୍ବରୁ ଯଥାସ୍ଥିତି ଅପିଲ୍‌କର୍ତ୍ତା ବା ଅଭିଯୋକ୍ତାଙ୍କୁ 'ଫର୍ମ-ଖ'ରେ ଅବହିତ କରାଯିବ।

(୨) କମିଶନ୍‌ଙ୍କ ଦ୍ୱାରା ଅପିଲ୍ ବା ଅଭିଯୋଗର ଶୁଣାଣି ବେଳେ ଯଥାସ୍ଥିତି ଅପିଲ୍‌କର୍ତ୍ତା ବା ଅଭିଯୋକ୍ତା ନିଜ ଇଚ୍ଛାନୁସାରେ ବ୍ୟକ୍ତିଗତ ଭାବେ ବା ତାଙ୍କ ଦ୍ୱାରା ଯଥାବିଧି ପ୍ରାଧିକୃତ ହୋଇଥିବା ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ରହିପାରନ୍ତି, ଅଥବା ନରହିବାକୁ ପସନ୍ଦ କରି ପାରନ୍ତି।

(୩) ଯେଉଁ ସ୍ଥଳେ କମିଶନ୍‌ଙ୍କର ହୃଦ୍‌ବୋଧ ହେବ ଯେ, ଅପିଲ୍‌କର୍ତ୍ତା ବା ଅଭିଯୋକ୍ତା କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତି ଯୋଗୁଁ କମିଶନ୍‌ଙ୍କ ଶୁଣାଣିରେ ଯୋଗଦାନରୁ ବଞ୍ଚିତ ହୋଇଛି, ସେପରି ସ୍ଥଳେ କମିଶନ୍ ଚୂଡ଼ାନ୍ତ ନିଷ୍ପତ୍ତି ନେବାପୂର୍ବରୁ ଯଥାସ୍ଥିତି ଅପିଲ୍‌କର୍ତ୍ତା ବା ଅଭିଯୋକ୍ତାଙ୍କୁ ନିଜର ବକ୍ତବ୍ୟ ପେଶ୍ କରିବା ପାଇଁ ଆଉ ଏକ ସୁଯୋଗ ଦେଇ ପାରନ୍ତି, ଅଥବା ନିଜେ ଯଥାର୍ଥ ମନେ କରୁଥିବା ଆଉ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି।

(୪) ଅପିଲ୍ ବା ଅଭିଯୋଗ ପ୍ରକ୍ରିୟାରେ ଯଥାସ୍ଥିତି ଅପିଲ୍‌କର୍ତ୍ତା ବା ଅଭିଯୋକ୍ତା ନିଜର ବକ୍ତବ୍ୟ ଉପସ୍ଥାପନ କ୍ଷେତ୍ରରେ ଯେ କୌଣସି ବ୍ୟକ୍ତିର ସହାୟତା ଲୋଡ଼ି ପାରନ୍ତି, ଏବଂ ତାଙ୍କୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିଜଣକ ପେଷାଦାରୀ ଆଇନଜ୍ଞ ନହୋଇ ପାରନ୍ତି।

(୫) ରାଜ୍ୟ ମୁଖ୍ୟ ସୂଚନା କମିଶନର୍‌ହିଁ ସ୍ଥିର କରିପାରନ୍ତି, ସେ କେଉଁ ଅପିଲ୍‌ର ଶୁଣାଣି ଓ ଫଇସଲା କରିବେ, କେଉଁଟା କେବଳ ରାଜ୍ୟ ସୂଚନା କମିଶନର୍‌ଙ୍କ ଦ୍ୱାରା ଶୁଣାଣି ଓ ଫଇସଲା ହେବ, ଅଥବା କେଉଁଟା ଉଭୟଙ୍କ ଦ୍ୱାରା ଶୁଣାଣି ଓ ଫଇସଲା ହେବ।

**୧୦. କମିଶନ୍‌ଙ୍କ ନିଷ୍ପତ୍ତି –** କମିଶନ୍ ନିଜର ନିଷ୍ପତ୍ତି ମୁକ୍ତ କାର୍ଯ୍ୟବିଧି ଭିତରେ ହିଁ ଘୋଷଣା କରିବେ ଏବଂ ଏତାଦୃଶ ନିଷ୍ପତ୍ତି ବା କୌଣସି ଆଦେଶକୁ ରେଜିଷ୍ଟ୍ରାର୍ ହିଁ ପ୍ରମାଣୀକୃତ କରିବେ।

**୧୧. ନିଷ୍ପତ୍ତି ସମ୍ବନ୍ଧରେ ଅବଗତି –** ଗୋଟିଏ ଅପିଲ୍ ବା ଅଭିଯୋଗ ଉପରେ କମିଶନ୍‌ଙ୍କ କୌଣସି ନିଷ୍ପତ୍ତି ବା ଆଦେଶ ଯଥାସ୍ଥିତି ଅପିଲ୍‌କର୍ତ୍ତା ବା ଅଭିଯୋକ୍ତାଙ୍କୁ ଏବଂ ସାଥେସାଥେ ରାଜ୍ୟ ଜନସୂଚନା ଅଧିକାରୀ ଏବଂ ଏତାଦୃଶ ନିଷ୍ପତ୍ତି ବା ଆଦେଶ ସହ ସମ୍ପୃକ୍ତ ବରିଷ୍ଠ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ମାଗଣାରେ ରେଜିଷ୍ଟର୍ଡ ଡାକଯୋଗେ ବା ଇମେଲ୍ ଜରିଆରେ ଅବଗତ କରାଇ ଦିଆଯିବ।

# ଫର୍ମ-କ

## ପ୍ରାଧିକୃତ ଅଧିକାରୀଙ୍କ ନିଯୁକ୍ତି ଆଦେଶ

[ନିୟମ-୭ ଅଧୀନସ୍ଥ ଉପନିୟମ (୧)ର ଅଣ-ଉପନିୟମ (ଗ) ବଳରେ]

ନମ୍ବର. .........

ଓଡ଼ିଶା ସୂଚନା କମିଶନଙ୍କ ସମ୍ମୁଖରେ,

................ ନଂ. ୨୦....................

ନାମ............................................... ଅଭିଯୋକ୍ତା/ଅପିଲ୍ କର୍ତ୍ତା

ଯେହେତୁ ସୂଚନା ଅଧିକାରୀ ଆଇନ୍, ୨୦୦୫ (୨୦୦୫ର ଦ୍ୱାବିଂଶ) ର ପ୍ରାବ୍‌ଧାନ ଅଧୀନରେ ଏହି କେଶ୍‌ର ଏକ ତଦନ୍ତ ପାଇଁ ଆଦେଶ ଦେବାର ଆବଶ୍ୟକତା ଅନୁଭୂତ ହେଲା, ସେହି ତଦନ୍ତ ପାଇଁ ନିମ୍ନୋକ୍ତ ଆଦେଶଟି ଜାରି କରାଯାଉଛି।

୧. ଏହି ତଦନ୍ତଟି କମିଶନ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ (୧) ........................................ ..........................................................................

୨. କମିଶନ୍‌ଙ୍କ ସମ୍ମୁଖରେ କେଶ୍‌ଟି ଉପସ୍ଥାପିତ ହୋଇଛି ନିମ୍ନୋକ୍ତ କାରଣ ପାଇଁ .................. ..........................................................................................

୩. ଅମୁକ (୨) ..................................................................... ଅନ୍ୟାନ୍ୟ ବିଷୟ ସହିତ ଅଭିଯୋଗ କରିଛନ୍ତି ଯେ, ............................................................. .........................................................................................

୪. ତଦନ୍ତ ଦ୍ୱାରା ନିମ୍ନୋକ୍ତ ବ୍ୟାପାରଗୁଡ଼ିକର ବ୍ୟାଖ୍ୟାୟନ ଓ ସତ୍ୟାନୁସନ୍ଧାନ ଆବଶ୍ୟକ ପଡୁଛି ..........................................................................................

ସୁତରାଂ ଏତଦ୍ୱାରା ଆଦେଶ ଦିଆଯାଉଛି ଯେ, ଶ୍ରୀ ..................................................ଙ୍କୁ ଉପରୋକ୍ତ ମାମଲାର ତଦନ୍ତ ଉଦ୍ଦେଶ୍ୟରେ ପ୍ରାଧୀକୃତ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି ।

୫. ପ୍ରାଧିକୃତ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶ ଏବଂ ଅନୁଦେଶ ଦିଆଯାଉଛି ଯେ ......................... ..........................................................................................

୬. ପ୍ରାଧିକୃତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ସେ ତାଙ୍କଦ୍ୱାରା ସଂଗୃହୀତ ପ୍ରମାଣ ଏବଂ ତଦନ୍ତ-ସଂକ୍ରାନ୍ତୀୟ ରେକର୍ଡର ଅଂଶବିଶେଷ ରୂପେ ଅନ୍ୟାନ୍ୟ କାଗଜପତ୍ର ସମେତ ତାଙ୍କର ରିପୋର୍ଟ ଦାଖଲ କରିବେ ତାରିଖ......................... ସୁଦ୍ଧା।

୭. ସମ୍ପୃକ୍ତ ପକ୍ଷମାନେ ପ୍ରାଧିକୃତ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥିତ ହେବେ ତା .................... ସ୍ଥାନ ....................................................... ଠାରେ।

କମିଶନ୍‌ଙ୍କ ଆଦେଶ ବଳରେ

ସ୍ୱାକ୍ଷର

କାର୍ଯ୍ୟାଳୟ

ତାରିଖ

# ଫର୍ମ-ଖ

## ଅପିଲ୍/ଅଭିଯୋଗ ଶୁଣାଣି ପାଇଁ ଧାର୍ଯ୍ୟ ତାରିଖ ସମ୍ବନ୍ଧରେ ଅପିଲ୍‌କର୍ତ୍ତା/ଅଭିଯୋକ୍ତାଙ୍କୁ ନୋଟିସ୍

[ନୟମ-୯ର ଉପନିୟମ(୧) ଦ୍ରଷ୍ଟବ୍ୟ]

ଓଡ଼ିଶା ସୂଚନା କମିଶନ୍‌ଙ୍କ ସମ୍ମୁଖରେ,

ନାମ.......................................................... ଅପିଲ୍‌କର୍ତ୍ତା/ଅଭିଯୋକ୍ତା ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ .........................କୁ ଅପିଲ୍ ତାରିଖ............../ଯେଉଁ ଅଧିକାରୀ ବା ଅଧିକାରୀମାନଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଇଛି।

ପ୍ରାପ୍ତେଷୁ,

ଏତଦ୍ୱାରା ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି ଯେ, ...................... .........................ଙ୍କ ଆଦେଶକୁ ଅପିଲ୍/ଅଭିଯୋଗ ଆପଣଙ୍କ ଦ୍ୱାରା ଅଗବତ କରାଯାଇଛି ଏବଂ ଏହି କମିଶନ୍‌ଙ୍କ ନିକଟରେ ପଞ୍ଜିକୃତ ହୋଇସାରିଛି, ଏବଂ ଏହି ଅପିଲ୍/ଅଭିଯୋଗର ଶୁଣାଣି ପାଇଁ ଏହି କମିଶନ୍ ତାରିଖ .............. ଧାର୍ଯ୍ୟ କରିଛନ୍ତି।

ଯଦି ଆପଣ ନିଜେ ନିଜ ତରଫରୁ ଅଥବା ଏହି ଅପିଲ୍‌ରେ ଆପଣଙ୍କ ପକ୍ଷନେଇ କାର୍ଯ୍ୟକରିବା ସକାଶେ ଯଥାବିଧି ପ୍ରାଧିକୃତ ପ୍ରତିନିଧିଙ୍କ ମାଧ୍ୟମରେ ଅନୁପସ୍ଥିତ ରୁହନ୍ତି, ତେବେ ଏହାର ଶୁଣାଣି କରାଯିବ, ଏବଂ ଆପଣଙ୍କ ଅନୁପସ୍ଥିତିରେ ଏହାଉପରେ ନିଷ୍ପତ୍ତି ନିଆଯିବ।

କମିଶନ୍‌ଙ୍କ ମୋହର ସହିତ ତା......................

କମିଶନ୍‌ଙ୍କ ଆଦେଶ ବଳରେ

ସ୍ୱାକ୍ଷର

କାର୍ଯ୍ୟାଳୟ

**ବି. ଦ୍ର. :** ଯାହା ପ୍ରଯୁଜ୍ୟ ନୁହେଁ, ତାକୁ କାଟି ଦିଅନ୍ତୁ।

ରାଜ୍ୟପାଳଙ୍କ ଆଦେଶକ୍ରମେ

(ଡି. ମହାନ୍ତି)

**ସରକାରଙ୍କ କମିଶନର୍-ସଚିବ**